## ଉପକୃଷି ନେର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, କେନ୍ଦୁଝର

### ବିଜ୍ଞପ୍ତି ନଂ.୧୫୮୮ /ତାରିଖ.୨୭.୦୫.୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ ନିମ୍ନ ସାକ୍ଷରକାରୀ ୨୦୧୯ ଠାରୁ ୨୦୨୨ ପର୍ଯ୍ୟନ୍ତ ଯଥା ୦୧.୦୭.୧୯ ଠାରୁ ୩୦.୦୬.୨୨ ପର୍ଯ୍ୟନ୍ତ ମାଛଚାଷ ନିମନ୍ତେ କେନ୍ଦୁଝରଗଡ କୃଷି ଫାର୍ମରେ ଥିବା ପୋଖରୀ ନଂ-୧ ଓ ଗୋହିରା କୃଷି ଫାର୍ମରେ ଥିବା ପୋଖରୀ ନଂ-୨ ପାଇଁ ଠିକା ପ୍ରସ୍ତାବ ଆହ୍ୱାନ କରୁଅଛନ୍ତି । କେନ୍ଦୁଝରଗଡ ଫାର୍ମ ପୋଖରୀ ପାଇଁ ଟ ୫୦୦୦(ପାଞ୍ଚ ହଜାର) ଓ ଗୋହିରା ଫାର୍ମ ପୋଖରୀ ପାଇଁ ଟ ୧୦୦୦(ଏକ ହଜାର) ଅମାନତ ଆକାରରେ ଜମା କରିବା ପାଇଁ ପଡିବ । ଇଚ୍ଛୁକ ବ୍ୟକ୍ତିମାନେ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଆସନ୍ତା ତା-୧୧.୦୬.୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟ ପର୍ଯ୍ୟନ୍ତ ଜଉମୁଦ ଲଫାଫା ମଧ୍ୟରେ ନିର୍ଦ୍ଦିଷ୍ଟ ଫର୍ମରେ ନିଜର ନାମ, ଠିକଣା, ମୋବାଇଲ ନଂ, ଫୋଟ ପରିଚୟ ପତ୍ର, ଅମାନତ ଦାଖଲ କରିଥିବା ପ୍ରମାଣପତ୍ର ଓ ଠିକା ମୂଲ୍ୟ ଲେଖି ଠିକା ପ୍ରସ୍ତାବ ଦେଇପାରିବେ । ନିଲାମ ପାଇଁ ଆବଶ୍ୟକୀୟ ଅନୁମଦିତ ଫର୍ମ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଲଫାଫା ଉପରେ ମାଛଚାଷ ନିମନ୍ତେ ଠିକା ପ୍ରସ୍ତାବ ଲେଖା ରହିବ ।

ଉପରୋକ୍ତ ଜଉମୁଦ ଲଫାଫା ତା-୧୨.୦୬.୨୦୧୯ ରିଖ ଦିବା ୧୧.୦୦ ଘଟିକା ସମୟରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସଭ୍ୟ ଓ ପ୍ରାର୍ଥି/ପ୍ରାର୍ଥିନୀ ମାନଙ୍କ ଉପସ୍ଥିତିରେ ଖୋଲାଯିବ । ଅସଫଳ ପ୍ରାର୍ଥିଙ୍କର ଅମାନତ ଜମାରାଶି ବାବଦକୁ ଜମାକରିଥିବା ଟଙ୍କା ତୁରନ୍ତ ଫେରସ୍ତ କରିଦିଆଯିବ । ସଫଳ ନିଲାମଧାରୀ ବ୍ୟକ୍ତିଙ୍କର ଜମାରାଶି ଠିକା ପ୍ରସ୍ତାବ ପୁରଣ ହେବାପରେ ଫେରସ୍ତ ଦିଆଯିବ ।

କୌଣସି କାରଣ ନ ଦର୍ଶାଇ ନିମ୍ନସାକ୍ଷରକାରୀ ନିଲାମକୁ ରଦ୍ଦ କରିଦେଇ ପାରିବେ ।

୨୭/୫/୧୯

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

ଜ୍ଞାପକ ସଂଖ୍ୟା-୧୪୮୯ ତା-୨୭.୦୪.୨୦୧୯

ଏଦ୍ୱାରା ଏକକିତା ଅବିକଳ ନକଲ କେଉଁଝର ଗଡ ଫାର୍ମ/ଗୋହିରା ଫାର୍ମ କୃଷି ଅଧିଦର୍ଶକ/କ୍ୟାସିୟରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

ଜ୍ଞାପକ ସଂଖ୍ୟା-୧୪୯୦ ତା-୨୭.୦୪.୨୦୧୯

ଏଦ୍ୱାର ଏକକିତା ଅବିକଳ ନକଲ ଜିଲ୍ଲା କୃଷି ଅଧିକାରୀ(ସମସ୍ତ)/ଗୋଷ୍ଠି ଉନ୍ନୟନ ଅଧିକାରୀ (ସମସ୍ତ) କେନ୍ଦୁଝର ଜିଲ୍ଲାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

ଜ୍ଞାପକ ସଂଖ୍ୟା-୧୪୯୧ ତା-୨୭.୦୪.୨୦୧୯

ଏଦ୍ୱାର ଏକକିତା ଅବିକଳ ନକଲ ଉପ ନିର୍ଦ୍ଦେଶକ ଉଦ୍ୟାନ, କେନ୍ଦୁଝର/ ଜିଲ୍ଲା ମତ୍ସ୍ୟ ଅଧିକାରୀ କେନ୍ଦୁଝର/ ଉପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ କେନ୍ଦୁଝର/ଜାତୀୟ ସୂଚନା କେନ୍ଦ୍ର, କେନ୍ଦୁଝରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଗଲା ।

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

ଜ୍ଞାପକ ସଂଖ୍ୟା-୧୪୯୨ ତା-୨୭.୦୪.୨୦୧୯

ଏଦ୍ୱାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

ଜ୍ଞାପକ ସଂଖ୍ୟା-୧୪୯୩ ତା-୨୭.୦୪.୨୦୧୯

ଏଦ୍ୱାର ଏକକିତା ଅବିକଳ ନକଲ ଯୁଗ୍ମ କୃଷି ନିର୍ଦ୍ଦେଶକ(ଫାର୍ମ ଓ ମଞ୍ଜି), କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ଉପକୃଷି ନେର୍ଦ୍ଦେଶକ, କେନ୍ଦୁଝର

# ସର୍ତ୍ତାବଳୀ

୧. ଆଦେଶନାମା ଇସୁ ହେବାମାତ୍ରେ ସଫଳ ନିଲାମଧାରୀ ଠିକା ମୂଲ୍ୟର ୫୦% ସେହିଦିନ ଦାଖଲ କରିବାକୁ ବାଧ୍ୟ ହେବେ । ଅବଶିଷ୍ଟ ଠିକା ମୂଲ୍ୟ ୧୦ ଦିନ ମଧ୍ୟରେ ଦାଖଲ କରିବାକୁ ହେବ ।

୨. ଆବଶ୍ୟକ ସ୍ଥଳେ ଫାର୍ମ ଦାୟିତ୍ୱରେ ଥିବା କୃଷି କର୍ମଚାରୀ ପୋଖରୀ ପାଣି ବ୍ୟବହାର କରିପାରିବେ ।

୩. ନିଲାମଧାରୀଙ୍କର ଫାର୍ମଭିତରେ ଥିବା ସରକାରୀ ସମ୍ପତ୍ତି ନଷ୍ଟ କରିବାର କୌଣସି ଅଧିକାର ନାହିଁ ।

୪. ନିଲାମଧାରୀ କୌଣସି ପ୍ରକାରେ ପୋଖରୀ ପାଣିକୁ ମାଛଚାଷ ପାଇଁ ଦୂଷିତ କରିପାରିବେ ନାହିଁ ।

୫. ନିଲାମଧାରୀ ଆବଶ୍ୟକ ସ୍ଥଳେ ପୋଖରୀ ପାଣି ସଫା କରିପାରିବେ ।

୬. ମାଛଚାଷ ପାଇଁ ନିଲାମଧାରୀ ନିଜ ଖର୍ଚ୍ଚରେ ଜଗାରଖା କରିବେ ।

୭. ନିଲାମଧାରୀ ଫାର୍ମ ପୋଖରୀରେ ମାଛଚାଷ ପାଇଁ ଚୁକ୍ତିନାମା କରିବା ପାଇଁ ବାଧ୍ୟ ।

୮. ଠିକାମୂଲ୍ୟ ପ୍ରତ୍ୟେକ ବର୍ଷ ୧୦% ପ୍ରତିଶତ ବୃଦ୍ଧି ହେବ ।